| CLASS NOTES | |
|---|---|
| CLASS-7 | TOPIC: ମାଟି ଗଲା ବିଗିଡ଼ି |
| SUBJECT- ODIA | |

**Write the answers in your Odia Literature copy.**

ପ୍ରଶ୍ନ: ୧

କ) ଛୁଟିରେ ବାପୁ ଓ ଦୀପୁ କେଉଁଠିକୁ ଯାଇଥିଲେ?

ଉତ୍ତର: ଛୁଟିରେ ବାପୁ ଓ ଦୀପୁ ମଉସାଙ୍କ ଘରକୁ ବୁଲିବାକୁ ଯାଇଥିଲେ।

ଖ) ଅଜା ବଗିଚାରେ କେଉଁ କାମ କରୁଥିଲେ?

ଉତ୍ତର: ଅଜା ବଗିଚାରେ ମାଟି ହାଣୁଥିଲେ, ଘାସ ବାଛୁଥିଲେ ଏବଂ ଗଛ ମୂଳେ ପାଣି ଦେଉଥିଲେ।

ଗ) ଚାଷୀମାନେ ପୋକ ଦାଉରୁ ଫସଲକୁ ରକ୍ଷା କରିବାକୁ କ'ଣ କଲେ?

ଉତ୍ତର: ଚାଷୀମାନେ ପୋକ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ମନ ଇଚ୍ଛା ପୋକ ମରା ବିଷ ପକାଇଲେ।

ଘ) ଜିଆମାନେ କୃଷକର କି ଉପକାର କରନ୍ତି?

ଉତ୍ତର: ଜିଆମାନେ ମାଟିକୁ ଖାଆନ୍ତି, ମାଟିକୁ ଖୋଳନ୍ତି, ସେଥିପାଇଁ ମାଟି ଫସଫସିଆ ଓ ଉର୍ବର ହୁଏ। ତେଣୁ କୃଷି କାର୍ଯ୍ୟ ଭଲ ହୋଇଥାଏ।

ଙ) କେଉଁଗୁଡିକୁ ଆମେ ପ୍ରାକୃତିକ ସାର ବୋଲି କହିବା?

ଉତ୍ତର: ପିଡ଼ିଆ, ଗୋବର ଖତ, କମ୍ପୋଷ୍ଟ ଖତ ଇତ୍ୟାଦିକୁ ଆମେ ପ୍ରାକୃତିକ ସାର ବୋଲି କହିବା।

ପ୍ରଶ୍ନ: ୨

କ) ମଉସାଙ୍କ ବଗିଚାରେ କ'ଣ କ'ଣ ଚାଷ କରାଯାଏ?

ଉତ୍ତର: ମଉସାଙ୍କ ବଗିଚାରେ ନାନା ଜାତିର ଫୁଲ ଫଳ ସହିତ ବରଷର ବାର ମାସ ବିଭିନ୍ନ ପନିପରିବା ଚାଷ କରାଯାଏ ।

ଖ) ପରିଶ୍ରମ କରିବା ଦ୍ୱାରା ଅଜାଙ୍କର କି ଉପକାର ହେଉଥିଲା?

ଉତ୍ତର: ପରିଶ୍ରମ କରିବା ଦ୍ୱାରା ଅଜାଙ୍କର ଦେହ ଭଲ ରହୁଥିଲା ଓ ମନ ଫୁର୍ତ୍ତି ରହୁଥିଲା ।

ଗ) ବାତ୍ୟା ଯୋଗୁଁ ନଈ କୂଳିଆ ଗାଁଟିର କି କ୍ଷତି ହେଲା?

ଉତ୍ତର: ବାତ୍ୟା ଯୋଗୁଁ ନଈ କୂଳିଆ ଗାଁଟିର ଲୋକମାନଙ୍କର ଘର ଦ୍ୱାର ଭାଙ୍ଗିଗଲା, ଅଧାରୁ ଅଧିକ ବଡ଼ ଗଛ ସବୁ ଉପୁଡ଼ି ପଡ଼ିଲା, ଖେତ ବାଡ଼ିରେ ପୋକ ଭର୍ତ୍ତି ହୋଇଗଲେ ।

ଘ) ମାଟି କିପରି ବିଗିଡ଼ି ଗଲା?

ଉତ୍ତର: ମାଟିରେ ପୋକ ମରା ବିଷ ତଥା ରାସାୟନିକ ସାର ପ୍ରୟୋଗ କରିବା ଫଳରେ ମାଟିରୁ ଜିଆ ତଥା ଅନେକ ପ୍ରକାର ଉପକାରୀ  ଅଣୁଜୀବ ମରିଗଲେ। ଯାହା ଦ୍ୱାରା ମାଟିର ଜୀବନୀ ଶକ୍ତି ଚାଲିଗଲା ଏବଂ ମାଟି ଅନୁର୍ବର ହୋଇଗଲା। ଏହାର ସ୍ୱଭାବଟା ବିଗିଡ଼ି ଗଲା । ସେଇଥିପାଇଁ ମାଟି  ବିଗିଡ଼ି ଗଲା ।

ପ୍ରଶ୍ନ: ୫

ଯେପରି ' ପ୍ରକୃତି' ରୁ  ପ୍ରାକୃତିକ, ସେହିପରି  ତଳେ ଦିଆଯାଇଥିବା ଶବ୍ଦ ଗୁଡିକ କଣ ହେବ?

ସମାଜ:: ସାମାଜିକ

ସମୁଦ୍ର:: ସାମୁଦ୍ରିକ

ସମ୍ବାଦ:: ସାମ୍ବାଦିକ

ବର୍ଷ: :ବାର୍ଷିକ

**Content prepared at home.**